# କଠିନ ପରିଶ୍ରମ ଓ ଶିକ୍ଷା ପ୍ରଣାଳୀ ସଫଳତା ଆଣିଦିଏ



ଇ-ଟେକ୍ କଲେଜ ପକ୍ଷରୁ ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

## ଇ-ଟେକ୍ କଲେଜ ପକ୍ଷରୁ ମେଧାବୀଙ୍କୁ ସମ୍ବର୍ଦ୍ଧନା

**ଢେଙ୍କାନାଳ,୩୦।୫(ରତନ ନାୟାର)**

ରାଜ୍ୟର ଅନ୍ୟତମ ଶିକ୍ଷାନୁଷ୍ଠାନ ଢେଙ୍କାନାଳ ମଙ୍ଗଳପୁରସ୍ଥିତ ଇ-ଟେକ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ଗୁରୁବାର ଆୟୋଜିତ ଉତ୍ସବରେ ମେଧାବୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଡ. ସୁରେଶ ମିଶ୍ର ଉତ୍ସବରେ ସଭାପତିତ୍ୱ କରି ଦୃଢ଼ ଇଚ୍ଛାଶକ୍ତି, କଠିନ ପରିଶ୍ରମ ସହିତ ସମୟ ଉପଯୋଗୀ ଶିକ୍ଷା ପ୍ରଣାଳୀ ଏବଂ ଶୃଙ୍ଖଳିତ ପରିବେଶ ହିଁ ସଫଳତା ଆଣିଦିଏ ବୋଲି କହିଥିଲେ। ଏଥିସହିତ ଛାତ୍ରୀଛାତ୍ରମାନେ ଭବିଷ୍ୟତରେ ଜଣେ ଉତ୍ତମ ନାଗରିକ ହୋଇ ମାନବିକ ମୂଲ୍ୟବୋଧ ସହିତ ସମାଜ ପାଇଁ ସେବା କରିବାକୁ କଲେଜ ଅଧ୍ୟକ୍ଷ ଡ. ସୁରେଶ ମିଶ୍ର ଆହ୍ୱାନ ଦେଇଥିଲେ। ଚଳିତବର୍ଷ ଯୁକ୍ତ୨ ବିଜ୍ଞାନରେ ରାଜ୍ୟର ଶ୍ରେଷ୍ଠ ୨୦ ସ୍ଥାନରେ ଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଇ-ଟେକ୍‌ର ୧୩ଜଣ ଛାତ୍ରୀଛାତ୍ର ସ୍ଥାନ ପାଇବା ଅନୁଷ୍ଠାନ ଓ ଜିଲା ପାଇଁ ଗୌରବ ଆଣିଛି। ସମ୍ବର୍ଦ୍ଧିତ ହୋଇଥିବା ଛାତ୍ରୀଛାତ୍ରମାନେ ହେଲେ ଉତ୍ପନ୍ନା ଶତରୂପା (୫୬୬ନଂ ସହ ୪ର୍ଥ ସ୍ଥାନ), ମୋନାଲିସା ସାହୁ (୫୬୩ନଂ ସହ ୫ମ ସ୍ଥାନ), ନତାଶା ସାହୁ (୫୬୦ନଂ ସହ ୭ମ ସ୍ଥାନ), ଅଜୟ ପ୍ରଧାନ (୫୫୮ନଂ ସହ ୯ମ ସ୍ଥାନ), ସ୍ୱାଧୀନ କର (୫୫୭ନଂ ସହ ୧୦ମ ସ୍ଥାନ), ସିଦ୍ଧେଶ୍ୱର ସାହୁ ଓ ଶୁଭାଶିଷ ସାହୁ (୫୫୫ନଂ ସହ ୧୩ତମ ସ୍ଥାନ), ବିଜୟ ପ୍ରଧାନ (୫୫୩ନଂ ସହ ୧୫ତମ ସ୍ଥାନ), ଆକାଶ ଦେହୁରୀ ଓ ରେଶବ କୁମାର ଦାସ ( ୫୫୨ନଂ ସହ ୧୬ତମ ସ୍ଥାନ), ଆଶୁତୋଷ ବେହେରା (୫୫୨ନଂ ସହ ୧୭ ତମ ସ୍ଥାନ), ଅମିତ ସିଂ (୫୫୧ନଂ ସହ ୧୭ତମ ସ୍ଥାନ)। ଏହି ଛାତ୍ରୀଛାତ୍ରମାନେ ହାସଲ କରି ଢେଙ୍କାନାଳର ଗୌରବ ବଢାଇଛନ୍ତି। ଏଥିସହିତ ଦେବସ୍ମିତା ବେହେରା ୫୪୬, ବିଶ୍ୱରଞ୍ଜନ ପଲେଇ ୫୪୬, ମୁକେଶ ପଲେଇ ୫୪୬, ଦୀପୁନ ସାହୁ ୫୪୩, ଦେବୀ ପ୍ରସାଦ ସାହୁ ୫୪୦ ମାର୍କ ରଖିଛନ୍ତି । ଛାତ୍ରୀଛାତ୍ରମାନଙ୍କୁ ମାନପତ୍ର, ଟ୍ରଫି, ଉତ୍ତରୀୟ, ନଗଦ ଅର୍ଥରାଶି ସହିତ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ଉପାଧ୍ୟକ୍ଷ ଅନିଲ କୁମାର ଗୋଛାୟତ ଉପସ୍ଥିତ ଥିବାବେଳେ ଅନୁଷ୍ଠାନର ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀମାନେ ସହଯୋଗ କରିଥିଲେ।

# ବ୍ଲକ ଟପ୍ପର ସମା ସାନିୟା ସମ୍ବର୍ଦ୍ଧିତ

**କାମାକ୍ଷାନଗର,୩୦।୫ (ଅମ୍‌ଜାଦ୍ ଖାନ୍)**

ଢେଙ୍କାନାଳ ଜିଲା କାମାକ୍ଷାନଗର ସହର ଆଳତୁମା ଗ୍ରାମ ଦଧିବାମନ ଜୀଉ ମନ୍ଦିର କମିଟି ତରଫରୁ ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକର ମାଟ୍ରିକ ଟପ୍ପର ସମା ସାନିୟା ବେଗମଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ମେହେମୁଦ୍ ଖାନ୍ ଓ ଶିକ୍ଷୟିତ୍ରୀ ରୋଜି ବେଗମଙ୍କ କନିଷ୍ଠା କନ୍ୟା ତଥା କାମାକ୍ଷାନଗର ଖବରଦାତା ଅମ୍‌ଜାଦ୍ ଖାନ୍‌ଙ୍କ ଭାଣିଜୀ ସମାସାନିୟା ବେଗମ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ୫୫୨ ନମ୍ବର ରଖି ଆଠମଲ୍ଲିକ ବ୍ଲକରେ ଟପ୍ପର ହୋଇଛନ୍ତି। କମିଟି ସଦସ୍ୟ ନିତ୍ୟାନନ୍ଦ ଶତପଥୀ, ଓଡ଼ିଆ ଭାଷା ଓ ସଂସ୍କୃତିର ପ୍ରଚାରକ ଇଞ୍ଜିନିୟର ହିମାଦ୍ରୀ ଦାସ ପ୍ରମୁଖ କାମାକ୍ଷାନଗର ସହର ସ୍ଥିତ ଅମଜାଦ୍ ଖାନଙ୍କ ବାସଭବନଠାରେ ଟପ୍ପର ଛାତ୍ରୀ ସମାସାନିୟାଙ୍କୁ ତାଙ୍କ ମାତାପିତାଙ୍କ ଉପସ୍ଥିତିରେ ଉତ୍ତରୀୟ ଉପଢୌକନ ସହ ରାଧାକୃଷ୍ଣଙ୍କ ଫଟୋପ୍ରତିମା ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ।


ଆଠମଲ୍ଲିକ ବ୍ଲକ ଟପ୍ପର ସମା ସାନିୟା ବେଗମଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ବାଣିଜ୍ୟରେ ୧୦୦%, ବିଜ୍ଞାନରେ ୯୮% ପାସ

**ଓଡ଼ାପଡ଼ା,୩୦।୫(ରଞ୍ଜିତ ନାୟକ)**

ଢେଙ୍କାନାଳ ଜିଲା ହିନ୍ଦୋଳ ରୋଡ୍ ସ୍ଥିତ ଓଡ଼ାପଡ଼ା ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପାସ୍ ହାର ଆଶାନୁରୂପ ହୋଇଛି। ବାଣିଜ୍ୟରେ ୧୦୦%, ବିଜ୍ଞାନରେ ୯୮% ଓ କଳାରେ ୭୬% ପାସ୍‌ହାର ରହିଛି। କଳାରେ ପରୀକ୍ଷା ଦେଇଥିବା ୨୩୫ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୭୮ ଜଣ ପାସ୍ କରିଛନ୍ତି। ସେଥିମଧ୍ୟରୁ ପ୍ରଥମ ଶ୍ରେଣୀରେ ୧୬, ଦ୍ୱିତୀୟ ଶ୍ରେଣୀରେ ୩୧, ତୃତୀୟ ଶ୍ରେଣୀରେ ୧୨୮ଜଣ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଜ୍ଞାନ ବିଭାଗରେ ୫୪ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ପ୍ରଥମ ଶ୍ରେଣୀରେ ୧୪, ଦ୍ୱିତୀୟ ଶ୍ରେଣୀରେ ୨୬ ଓ ତୃତୀୟ ଶ୍ରେଣୀରେ ୧୩ ଜଣ ପରୀକ୍ଷାର୍ଥୀ ପାସ୍ କରିଛନ୍ତି। ସେହିପରି ବାଣିଜ୍ୟ ବିଭାଗରେ ପରୀକ୍ଷା ଦେଇଥିବା ୬ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୩ ଜଣ ଓ ତୃତୀୟ ଶ୍ରେଣୀରେ ୩ ଉତ୍ତୀର୍ଣ୍ଣ ହୋଇଛନ୍ତି। କଳାରେ ପ୍ରଜ୍ଞାସେନୀ ସାହୁ ସର୍ବାଧିକ ୪୭୨ ନମ୍ବର ରଖିଥିବାବେଳେ ବିଜ୍ଞାନରେ ଶୁଭ୍ରଜିତ ଦେହୁରୀ ୪୪୬ ନମ୍ବର ଓ ବାଣିଜ୍ୟରେ କ୍ରାନ୍ତି ସାହୁ ୪୫୧ ନମ୍ବର ରଖି ପ୍ରଥମ ସ୍ଥାନ ଲାଭ କରିଛନ୍ତି। ବିଦ୍ୟାଳୟ ଅଧ୍ୟକ୍ଷ ଡ. ଶମ୍ଭୁ ପ୍ରସାଦ ପ୍ରଧାନ କୃତୀ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇବା ସହିତ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଛାତ୍ରୀଛାତ୍ରଙ୍କ ସଫଳତା ପାଇଁ ବିଦ୍ୟାଳୟ ଅଧ୍ୟକ୍ଷ ସମସ୍ତ ଅଧ୍ୟାପିକାଅଧ୍ୟାପକ ଓ କର୍ମଚାରୀଙ୍କୁ ଧନ୍ୟବାଦ ଦେଇଛନ୍ତି।

# ଢେଙ୍କାନାଳ ଓଷ୍ଟାର ଜିଲାସ୍ତରୀୟ ସମ୍ମେଳନ

**ଢେଙ୍କାନାଳ,୩୦।୫(ରତନ ନାୟାର)**

ଢେଙ୍କାନାଳ ଜିଲା ଶିକ୍ଷକ ଭବନଠାରେ ଗୁରୁବାର ଜିଲା ତଥା ସମସ୍ତ ବ୍ଲକର କାର୍ଯ୍ୟକର୍ତ୍ତା, ଶିକ୍ଷକ, ଶିକ୍ଷା କର୍ମଚାରୀଙ୍କୁ ନେଇ ଓଷ୍ଟାର ଏକ ଜିଲାସ୍ତରୀୟ ସମ୍ମେଳନ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ସନ୍ତୋଷ କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ବିଭୂତି ଭୂଷଣ ସାମଲ ଏହାର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ରାଜ୍ୟ ଓଷ୍ଟା ସଂଘ ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାସ କହିଲେ, ଢେଙ୍କାନାଳ ସଂଘର ଐକ୍ୟବଦ୍ଧ ଓ ସଂହତି ମଧ୍ୟରେ ସମସ୍ତେ ଏକସୂତ୍ରରେ ଆବଦ୍ଧ ଥିବା ସନ୍ତୋଷଜନକ ବିଷୟ। ରାଜ୍ୟ ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜ କିଶୋର ବିଶ୍ୱାଳ ସଙ୍ଗଠନକୁ ଆହୁରି ଆଗକୁ ନେବା ପାଇଁ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ରାଜ୍ୟ ସଂଘର ମ୍ୟାଚିଂ ଗ୍ରାଣ୍ଟ ଦ୍ୱାରା ସଂଘ ଗୃହର ପୁନରୁଦ୍ଧାର କରାଯାଇପାରିଛି ବୋଲି କୋଷାଧ୍ୟକ୍ଷ ଅଶୋକ ମହାପାତ୍ର ସୂଚନା ଦେଇଥିଲେ । ବକେୟା କାମ ପାଇଁ ଅର୍ଥ ଯୋଗାଇ ଦିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଢେଙ୍କାନାଳ ଜିଲା ପ୍ରଭାରୀ ଶ୍ରୀକାନ୍ତ ସାହୁ, ଅନୁଗୋଳ ଜିଲା ସମ୍ପାଦକ ତ୍ରିଲୋଚନ ଦାସ, ରାଜ୍ୟ ସମ୍ପାଦକ ବିଜୟ ଛତ୍ର, ରାଜ୍ୟ ଉପସଭାପତି ପ୍ରମୋଦ କୁମାର ସ୍ୱାଇଁ, ଜିଲା କାର୍ଯ୍ୟକାରୀ ସଭାପତି ପୀତାମ୍ବର ଦାସ, କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀରାମ ରାଉତ ନିଜସ୍ୱ ମତ ଉପସ୍ଥାପନ କରିଥିଲେ। ବର୍ଷିଆନ ଶିକ୍ଷକ ନେତା ସରୋଜକାନ୍ତ ଦାସ, ପ୍ରଶାନ୍ତ କୁମାର ଧଳ, ବିନୋଦ କୁମାର ସ୍ୱାଇଁ ପ୍ରମୁଖ ସଂଘୀୟ ମତ ପୋଷଣ କରିଥିଲେ। ଜିଲା ଉପସଭାପତି ରେଣୁବାଳା ବେହେରା, ଗୀତାଞ୍ଜଳି ବରାଳ, ତୃପ୍ତିମୟୀ ସାହୁ, ପ୍ରତିଭା ସାମନ୍ତ, ନମିତା ସେନାପତି, ଶୁଭସ୍ମିତା ବେଉରା ପ୍ରମୁଖଙ୍କୁ ନେଇ ଏକ ମହିଳା ଶାଖା ଗଠନ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ଜିଲା ଯୁଗ୍ମ ସମ୍ପାଦକ ସୁବାସଚନ୍ଦ୍ର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପରଜଙ୍ଗ ବ୍ଲକ ସଭାପତି କନ୍ହୁଅ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।



ଢେଙ୍କାନାଳ ଓଷ୍ଟାର କନ୍‌ଭେନଶନ ଅବସରରେ ମଞ୍ଚାସୀନ କର୍ମକର୍ତ୍ତାମାନେ।

# ଶରଣ ଶ୍ରୀକ୍ଷେତ୍ରରେ ଜଗନ୍ନାଥ କଥାମୃତ ପ୍ରବଚନ



**ଓଡ଼ାପଡ଼ା,୩୦।୫(ରଞ୍ଜିତ ନାୟକ)**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଏକଘରିଆ ଗ୍ରାମସ୍ଥିତ ଭକ୍ତ କବି ଦିନକୃଷ୍ଣ ଦାସଙ୍କ ସାଧନା ପୀଠ ଶରଣ ଶ୍ରୀକ୍ଷେତ୍ର ପରିସରରେ ଚାଲିଥିବା ଶ୍ରୀଜଗନ୍ନାଥ କଥାମୃତ ପ୍ରବଚନ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜଗନ୍ନାଥ ଗବେଷକ ପଣ୍ଡିତ ଭଜରାମ ଶତପଥୀ ଯୋଗଦେଇ ଶ୍ରୀଜଗନ୍ନାଥ କଥାମୃତ ପ୍ରବଚନ କଥା ଉପସ୍ଥିତ ଭକ୍ତମାନଙ୍କୁ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶରଣ ଶ୍ରୀକ୍ଷେତ୍ର ବିକାଶ ପରିଷଦ ପରିଚାଳନା କରୁଥିବାବେଳେ ଏକ ଘରିଆ ଗ୍ରାମବାସୀ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ଶତାଧିକ ଭକ୍ତ ଯୋଗଦେଇ ପ୍ରଭୁକୃପା ଲାଭ କରିବା ସହିତ ପ୍ରସାଦସେବନ କରିଥିଲେ।

# ୟୁଟିଆଇ ମ୍ୟୁଚୁଆଲ୍ ଫଣ୍ଡ ପ୍ରତିନିଧି ସମ୍ମିଳନୀ


ୟୁଟିଆଇ ମ୍ୟୁଚୁଆଲ୍ ଫଣ୍ଡ ପ୍ରତିନିଧି ସମ୍ମିଳନୀ ଅବସରରେ କର୍ମକର୍ତ୍ତାମାନେ।

**ଢେଙ୍କାନାଳ,୩୦।୫(ରତନ ନାୟାର)**

ୟୁଟିଆଇ ମ୍ୟୁଚୁଆଲ୍ ଫଣ୍ଡର ଢେଙ୍କାନାଳ ସହର ପ୍ରତିନିଧି ସମ୍ମିଳନୀ ଗତ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରତିନିଧି ସମ୍ମିଳନୀରେ ୟୁଟିଆଇ ଆର୍ଥିକ କେନ୍ଦ୍ର ଅନୁଗୋଳର ପ୍ରବନ୍ଧକ ପଲ୍ଲବ କୁମାର ଦାସ ଅଧ୍ୟକ୍ଷତା କରି ୟୁଟିଆଇର ବିଭିନ୍ନ ପୁଞ୍ଜି ନିବେଶ ଯୋଜନା ଉପରେ ଆଲୋକପାତ କରିବା ସହ ଗ୍ରାହକଙ୍କ ବିକ୍ରି ସେବା ସଂକ୍ରାନ୍ତ ସୂଚନା ଅବଗତ କରାଇଥିଲେ। ଏହି ସମ୍ମିଳନୀରେ ଢେଙ୍କାନାଳ ଜିଲାର ଅବସରପ୍ରାପ୍ତ ବ୍ୟବସାୟିକ ଉନ୍ନୟନ ସହଯୋଗୀ ପ୍ରଦ୍ୟୁମ୍ନ ରଥ, ବରିଷ୍ଠ ପ୍ରତିନିଧି ମିହିର କୁମାର ଶତପଥୀ, ସୁଶାନ୍ତ କୁମାର ମିଶ୍ର, ସଞ୍ଜୟ ରଥ, ଶଙ୍କର୍ଷଣ ରଥ, ସୁଧୀର କୁମାର ସାହୁ, ପ୍ରଶାନ୍ତ କୁମାର ଭୂୟାଁ ଓ ନିରଞ୍ଜନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଆଗାମୀ ଦିନରେ ଜିଲାର ସମସ୍ତ ୟୁଟିଆଇ ମ୍ୟୁଚୁଆଲ୍ ଫଣ୍ଡ ପ୍ରତିନିଧିଙ୍କୁ ନେଇ ଏକ ସମ୍ମିଳନୀ କରାଯିବ ବୋଲି ଅନୁଗୋଳ କେନ୍ଦ୍ର ପ୍ରବନ୍ଧକ ସୂଚନା ଦେଇଥିଲେ।



# ପାରମ୍ପରିକ ନୃତ୍ୟରେ ଦୁଲୁକିଲା ବଇଣ୍ଡା

ବଇଣ୍ଡା,୩୦।୫(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକର ପ୍ରସିଦ୍ଧ ବଇଣ୍ଡା ଚନ୍ଦନ ଯାତ୍ରା ବୁଧବାର ମହାସମାରୋହରେ ପାଳିତ ହୋଇଯାଇଛି। ସକାଳେ ପ୍ରଭୁ ରାଧାକୃଷ୍ଣ ମନ୍ଦିରରେ ପୂଜା କରିବା ପରେ ଏକ ବିମାନରେ ପ୍ରଭୁ ରାଧାକୃଷ୍ଣଙ୍କୁ ବସାଇ ଶୋଭାଯାତ୍ରାରେ ମନ୍ଦିର ନିକଟରୁ ଯାତ୍ରା ପଡିଆକୁ ଅଣାଯାଇଥିଲା। ସେଠାରେ ପୂଜକ ରୀତିନୀତି ଅନୁସାରେ ପୂଜା କରାଯିବା ପରେ ଚନ୍ଦନ ନଗରକୁ ନିଆଯାଇଥିଲା। ପୁରାତନ ସଂସ୍କୃତି ଅନୁସାରେ ଗ୍ରାମର ପୂର୍ବତନ ସରପଞ୍ଚ ତ୍ରିଲୋଚନ ସାହୁଙ୍କ ଘରେ ପୂଜା କରାଯିବା ପରେ ଚନ୍ଦନ ନଗରଠାରୁ ଏକ ବିରାଟ ଶୋଭାଯାତ୍ରା ବଇଣ୍ଡା ଛକ ପରିକ୍ରମା କରାଯାଇଥିଲା। ପାରମ୍ପରିକ ନୃତ୍ୟରେ ସାରା ବଇଣ୍ଡା କମ୍ପି ଉଠିଥିଲା। ପ୍ରଭୁ ରାଧାକୃଷ୍ଣଙ୍କ ଶୋଭାଯାତ୍ରାରେ ଲଉଡି ଖେଳ, ଘଣ୍ଟବାଦ୍ୟ, ମହିଳା ସଂକୀର୍ତ୍ତନ, ହାତୀ, ଘୋଡ଼ାନାଚ, ରାଜାରାଣୀ ନାଚ, ଦୁଲୁଦୁଲି ବାଦ୍ୟ ସହ ବିଭିନ୍ନ ପ୍ରକାର ନୃତ୍ୟ ପରିବେଷଣ କରାଯାଇଥିଲା। ଦୀର୍ଘ ୪ ଘଣ୍ଟା କାଳ ଶୋଭାଯାତ୍ରାରେ ପ୍ରଭୁ ଆସିବା ପରେ ଚନ୍ଦନ ପୋଖରୀରେ ପୂର୍ବରୁ ପ୍ରସ୍ତୁତ ହୋଇଥିବା ନୌକାରେ ରାଧାକୃଷ୍ଣଙ୍କୁ ବସାଇ ଚାପ ଖେଳାଯାଇଥିଲା। ଏହି ଅବସରରେ ପୋଖରୀ ନିକଟରେ ଆତସବାଜି ପ୍ରଦର୍ଶନ କରାଯିବା ସହ ଡିଜେ ସାଉଣ୍ଡର ତାଳେ ତାଳେ ଯୁବକମାନେ ନୃତ୍ୟ ପରିବେଷଣ କରିଥିଲେ। ମନୋରଞ୍ଜନ ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଯାତ୍ରା କମିଟି ପକ୍ଷରୁ ଯାତ୍ରା ପଡିଆ ବ୍ୟାପକ ସାଜସଜ୍ଜା କରାଯାଇଥିବାବେଳେ ଜିନ୍ଦଲ କମ୍ପାନୀ ଓ କେତୋଟି ସାମାଜିକ ସଙ୍ଗଠନ ପକ୍ଷରୁ ଲୋକଙ୍କୁ ପାନୀୟ ଜଳ ବ୍ୟବସ୍ଥା କରାଯାଇଥିଲା। ଯାତ୍ରା ପଡିଆରେ

### ଚନ୍ଦନ ଯାତ୍ରାରେ ୪୦ ହଜାର ଲୋକଙ୍କ ସମାଗମ

ମିନାବଜାର ସାଙ୍ଗକୁ ବିଭିନ୍ନ ପ୍ରକାର ଦୋକି ପଡିଥିବା ଯୋଗୁ ଆଖପାଖ ଅଞ୍ଚଳରୁ ୪୦ ହଜାର ଲୋକଙ୍କ ସମାଗମ ହୋଇଥିଲା। ପୂରା ଗାଁକୁ ଚୁମ୍ବକୀୟ ଲାଇଟ ମାଧ୍ୟମରେ ସାଜସଜା କରାଯାଇଥିଲା। ବିଦ୍ୟୁତ୍ ବିଭାଗ ପକ୍ଷରୁ ପଡିଆକୁ ଆଲୋକୀକରଣ କରାଯାଇଥିଲା। ଯାର ପକ୍ଷରୁ ସୂଚନା କେନ୍ଦ୍ର କରାଯାଇଥିବାବେଳେ ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ବଇଣ୍ଡା ଶାଖା ପକ୍ଷରୁ ଲୋକଙ୍କୁ ଆଧ୍ୟାତ୍ମିକା ସମ୍ପର୍କିତ ବାର୍ତ୍ତା ପ୍ରଦାନ କରାଯାଇଥିଲା। ଆଠମଲ୍ଲିକ ଏସ୍‌ଡିପିଓ ବାଳକୃଷ୍ଣ କଅଁରଙ୍କ ନେତୃତ୍ୱରେ ହଣ୍ଡପା ଆଇଆଇସି ନମିତା ନାୟକ, କିଶୋରନଗର ଆଇଆଇସି ବିଭୂତି ପ୍ରଧାନ, ଠାକୁରଗଡ ଆଇଆଇସି ନଟବର ନନ୍ଦଙ୍କ ସମେତ ବ୍ୟାପକ ପୋଲିସ ସୁରକ୍ଷା ଯୋଗାଇ ଦେଇଥିଲେ। କମିଟିର ଜିତେନ୍ଦ୍ର ବେହେରା, ପୂର୍ବତନ ସରପଞ୍ଚ ଜଳଧର ସାହୁ, ଅରବିନ୍ଦ ସାହୁ, ଜମ୍ମେଶର ସାହୁ, ସଞ୍ଜୟ ସାହୁ, ବିନୀତ ସାହା, ଅନିଲ ବେହେରା, ପାପୁନା ମହାପାତ୍ର, ପପୁ ସାହୁ, ବିକ୍ରମ ସାହୁ, ପରିକ୍ଷିତ ସାହୁଙ୍କ ସମେତ ଅଞ୍ଚଳବାସୀ ସହଯୋଗ କରିଥିଲେ।







## ପୋଖରୀରୁ ଯୁବକଙ୍କ ମୃତଦେହ ଜବତ

ବଣ୍ଟଅଁରପାଳ,୩୦।୫(ସୁବାସ ସାହୁ)

ଅନୁଗୋଳ ଜିଲା ନାଲ୍‌କୋ ସିପିପି ପ୍ଲାଣ୍ଟ ନିକଟସ୍ଥ ଗୋଲେଇ ଛକ ପାଖରେ ଥିବା ପୋଖରୀରୁ ଜଣେ ଅଜଣା ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି। ପୋଲିସ କହିଛି, ପୋଖରୀରେ ଜଣେ ଯୁବକଙ୍କ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକ ସୂଚନା ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସାମାଜିକ କର୍ମୀ ଚିନ୍ମୟୀ ଦାସଙ୍କ ସହାୟତାରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣାର ସମ୍ପର୍କରେ ଜଣା ପଡ଼ିବ ବୋଲି ଥାନାଧିକାରୀ ପ୍ରଦୀପ ମହନ୍ତ ପ୍ରକାଶ କରିଛନ୍ତି।

## ପାଣିରେ ବୁଡ଼ି ବୃଦ୍ଧା ମୃତ

କାମାକ୍ଷାନଗର,୩୦।୫(ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ ଥାନା ପାଟବେଡା ଗ୍ରାମ ପୋଖରୀରେ ବୁଡ଼ି ସେହି ଗ୍ରାମର ରୁକୁଣା ସାହୁ (୬୫)ଙ୍କ ମୃତ୍ୟୁ ହୋଇଛି। ପୋଲିସ କହିଛି, ଗୁରୁବାର ରୁକୁଣା ଗାଧୋଇବା ପାଇଁ ଯାଇଥିବାବେଳେ ବୁଡି ଯାଇଥିଲେ। ଗ୍ରାମବାସୀ ତାଙ୍କୁ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। କଙ୍କଡାହାଡ଼ ପୋଲିସ ମୃତଦେହ ଜବତ କରି ଘଟଣାର ତଦନ୍ତ ଚଳାଇଛି।

## ଅଘୋଷିତ ବିଦ୍ୟୁତ୍ କାଟ୍ ଯୋଗୁ ଲୋକେ ଡହଳବିକଳ

କଣିହାଁ,୩୦।୫(ସଚ୍ଚିଦାନନ୍ଦ ପ୍ରଧାନ)

ଅନୁଗୋଳ ଜିଲା ତାଳଚେର ଉପଖଣ୍ଡସ୍ଥିତ କଣିହାଁ ବ୍ଲକ ଅଞ୍ଚଳରେ ଗୁରୁବାର ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ଅଘୋଷିତ ବିଦ୍ୟୁତ୍ କାଟ୍ ଯୋଗୁ ଲୋକେ ହନ୍ତସନ୍ତ ହୋଇଥିଲେ। ବିଭାଗୀୟ ଅଧିକାରୀ କୌଣସି ସୂଚନା ନ ଦେଇ ଏଭଳି ବିଦ୍ୟୁତ୍ କାଟ୍ କରିବା ଯୋଗୁ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଚଳିତବର୍ଷ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ତାପମାତ୍ରା ଦୈନିକ ବୃଦ୍ଧି ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ସହିତ ଅଘୋଷିତ ବିଦ୍ୟୁତ କାଟ୍ ଲୋକଙ୍କ ସମସ୍ୟାକୁ ଦ୍ୱିଗୁଣିତ କରିଛି। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଗ୍ରୀଷ୍ମପ୍ରବାହ ଯୋଗୁ ଲୋକେ ବାହାରକୁ ବାହାରି ପାରୁ ନ ଥିବାବେଳେ ବିଦ୍ୟୁତ୍ ବିଭାଗର ଏପରି ମନମାନିକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ଏଭଳି ଅଘୋଷିତ ବିଦ୍ୟୁତ୍ କାଟ୍ ବାରମ୍ବାର ହେଲେ ଲୋକେ ରାସ୍ତାକୁ ଓହ୍ଲାଇବେ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।

## ବିଲ ମାଳରୁ ମୃତଦେହ ଜବତ

ବଇଣ୍ଡା,୩୦।୫(ପରିକ୍ଷିତ ସାହୁ)

ହଣ୍ଡପା ଥାନା ବୁଦୁଲିମୁଣ୍ଡା ଗ୍ରାମର ଏକ ବିଲ ମାଳରୁ ଗୁରୁବାର ହଣ୍ଡପା ପୋଲିସ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ କରିଛି। ତାଙ୍କ ପରିଚୟ ଜଣା ପଡି ନାହିଁ। କିଛିଦିନ ତଳୁ ମଦ୍ୟପାନ କରି ତାଙ୍କର ମୃତ୍ୟୁ ହୋଇଥିବା ସ୍ଥାନୀୟ ଅଞ୍ଚଳବାସୀ କହିଛନ୍ତି। ବିଲମାଳରେ ଉକ୍ତ ବ୍ୟକ୍ତିଙ୍କ ମୃତଦେହ ପଡିଥିବା କେତେଜଣ ଗାଈ ଚରାଳି ଦେଖି ପୋଲିସକୁ ସୂଚନା ଦେଇଥିଲେ। ହଣ୍ଡପା ପୋଲିସ ମୃତଦେହ ଜବତ କରି ତଦନ୍ତ ଚଳାଇଛି।

# ସଙ୍ଗଠନ ମଜଭୁତ ପାଇଁ ଆହ୍ୱାନ

କଣିହାଁ,୩୦।୫(ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁସ୍ଥିତ ଏନ୍‌ଟିପିସିର ଦୀପତରଙ୍ଗଠାରେ ସର୍ବଭାରତୀୟ ଏନ୍‌ଟିପିସି ୱାର୍କର୍ସ ଫେଡେରେଶନ (ଆଇଏନ୍‌ଟିୟୁସି)ର ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଏନ୍‌ଟିପିସି କଣିହାଁ ପ୍ରକଳ୍ପ ମୁଖ୍ୟ ଏ.କେ ସେହଗଲ, ଏଚ୍‌ଆର ମୁଖ୍ୟ ନବନିତ କୁମାର ଯୋଗଦେଇଥିଲେ। ଏନ୍‌ଟିପିସିର କେନ୍ଦ୍ରୀୟ ନେତା ବାବର ସଲିମ ପାସା ଓ ସମ୍ପାଦକ କେ.ପି. ଚନ୍ଦ୍ରବଂଶୀ ଯୋଗଦେଇ ସଙ୍ଗଠନ ମଜଭୁତ ପାଇଁ ଆହ୍ୱାନ ଦେଇଥିଲେ। ରାତ୍ରିକାଳୀନ ଭତ୍ତା ବଢ଼ାଇବା, ନନ୍ ଏକ୍ଜକ୍ୟୁଟିଭ କର୍ମଚାରୀଙ୍କୁ କାର୍ ଲୋନ ପ୍ରଦାନ କରିବା, ଏସ୍‌ଏଲ୍‌ପିଏସ୍ ପଦୋନ୍ନତି ୧,୨,୩ ସହିତ ଇନ୍‌କ୍ରିମେଣ୍ଟ ପ୍ରଦାନ କରିବା, ଡବ୍ଲୁ-୦ ଗ୍ରେଡ୍ ଉଚ୍ଛେଦ କରିବା, ଡିଟି ଏଟି ଟ୍ରେନିଂ ୧ବର୍ଷ କରିବା ସହ ସେମାନଙ୍କ ବେସିକ ଦରମା ସମୀକ୍ଷା କରିବା, ଡବ୍ଲ୍ୟୁ ୧୧ କର୍ମଚାରୀ ଓ ଉପର କର୍ମଚାରୀଙ୍କୁ ସି' ଟାଇପ କ୍ୱାର୍ଟର ପ୍ରଦାନ କରିବା, ୱାର୍କମେନ ନିଯୁକ୍ତି ନିମିତ୍ତ ଆବଶ୍ୟକୀୟ ପଦକ୍ଷେପ ନେବା ଉପରେ ଆଲୋଚନା କରାଯାଇ ତାକୁ ଅନୁମୋଦନ କରାଯାଇଥିଲା। ଅନୁମୋଦନ ହୋଇଥିବା ଦାବି ଗୁଡ଼ିକୁ ଏନ୍‌ଟିପିସିର ସିଏମ୍‌ଡି ଓ ଡାଇରେକ୍ଟର (ଏଚଆର)କୁ ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ପରେ ଅବସର ନେବାକୁ ଥିବା କର୍ମଚାରୀ ତଥା ବର୍ତ୍ତମାନ ସର୍ବଭାରତୀୟ ୱାର୍କର୍ସ ଫେଡେରେଶନର କାର୍ଯ୍ୟକାରୀ ସଭାପତି ସତ୍ୟାନନ୍ଦ ସାହୁ ଓ ଆଉ ୬ଜଣ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ୧୬ଟି ପ୍ରକଳ୍ପର ଆଇଏନଟିୟୁସି ସଙ୍ଗଠନର ପ୍ରତିନିଧି ଯୋଗ ଦେଇଥିଲେ। ଫେଡେରେଶନ କାର୍ଯ୍ୟକାରୀ ସଭାପତି ସତ୍ୟାନନ୍ଦ ସାହୁ, ଏନ୍‌ଟିପିସି ଆଇଏନ୍‌ଟିୟୁସି କାର୍ଯ୍ୟକାରୀ ସଭାପତି ଜଗବନ୍ଧୁ ପ୍ରଧାନ, ଏନ୍‌ଟିପିସି କଣିହାଁ ଆଇଏନ୍‌ଟିୟୁସି ୟୁନିୟନର କାର୍ଯ୍ୟକାରୀ ସଭାପତି ବିନୋଦ ସାହୁ, ସଧାରଣ ସମ୍ପାଦକ ସୁଶିଲ ବେହେରା, ଉପ ସଭାପତି ସୁନୀଲ ଧର, ଅରୁଣ ନାଏକ, ଯୁଗ୍ମ ସମ୍ପାଦକ ସଞ୍ଜୟ ସାହୁ, କୋଷାଧ୍ୟକ୍ଷ ଆଶୋକ ନାଏକ, କାର୍ଯ୍ୟାଳୟ ସମ୍ପାଦକ ନିର୍ମଳ ପ୍ରଧାନ, କୁମର ସାହୁ, ଗୋପାଳ ସାହୁ, ପ୍ରବାସୀ ସାହୁ, ସାଗର ସେଠୀ, କିଶୋର ସାହୁ, ରମେଶ ଜେନା ପ୍ରମୁଖ ଉପସ୍ଥିତ ଥିଲେ।



## ଆଶଙ୍କାରୀ ପାଇପ୍ ଲାଇନ ମରାମତି ପାଇଁ ପଦକ୍ଷେପ

ବଅଁରପାଳ,(ସୁବାସ ସାହୁ)

ଅନୁଗୋଳ ଜିଲା ବଳରାମପ୍ରସାଦ ଗ୍ରାମ ନିକଟସ୍ଥ ପିଙ୍ଗୁଆ ଗାଁ ପାଖ ଦେଇ ଯାଇଥିବା ନାଲ୍‌କୋ ରେଲୱେ ଲାଇନ ନିକଟରେ ବୁଧବାର ପୂର୍ବାହ୍ନରେ ନାଲ୍‌କୋ ସିପିପି ପ୍ଲାଣ୍ଟ ଆଶଙ୍କାରୀ ପାଇପ୍ ଲାଇନରେ ହୋଇଥିବା ଲିକେଜକୁ କମ୍ପାନୀ କର୍ତ୍ତୃପକ୍ଷ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରିଛନ୍ତି। ନାଲ୍‌କୋ ସିପିପି ଇଞ୍ଜିନିୟର ଓ ଟେକ୍‌ନିସିଆନମାନେ ଘଟଣାସ୍ଥଳରେ ପହଞ୍ଚି ସମାନ୍ତରାଳ ଭାବେ ଆଶଙ୍କାରୀର ମୁଖ୍ୟନିର୍ଗତ ପମ୍ପ୍ ସେକ୍ସନକୁ ବନ୍ଦ କରି ଦେଇଥିଲେ। ଫଳରେ ତ୍ୱରିତ ପଦକ୍ଷେପ ଯୋଗୁ ଅଧିକ ଲିକେଜ ସମ୍ଭାବନାକୁ ଏଡାଇ ଦିଆଯାଇ ପାରିଥିଲା। ଏହି ଲିକେଜ ଦ୍ୱାରା କୌଣସି ଫସଲହାନୀ ଘଟି ନ ଥିବାବେଳେ ବୃକ୍ଷଲତା ଏବଂ ଗୁଳ୍ମ ନଷ୍ଟ ହୋଇନାହିଁ। ନାଲ୍‌କୋ ଇଞ୍ଜିନିୟର ଓ ଟେକ୍‌ନିସିଆନମାନେ ସ୍ଥିତିକୁ ସାମାନ୍ୟ କରିବା ପାଇଁ ଓ ମରାମତି କାର୍ଯ୍ୟ ତୁରନ୍ତ ସମାପ୍ତ କରିବା ପାଇଁ ଚେଷ୍ଟା କରୁଛନ୍ତି। ଏଥିସହ ମରାମତି କାର୍ଯ୍ୟରେ ଆବଶ୍ୟକ ସହଯୋଗ ପାଇଁ ଗ୍ରାମବାସୀଙ୍କୁ ଅନୁରୋଧ କରାଯାଇଥିବା ନାଲ୍‌କୋ ତରଫରୁ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

## ଏ-୧ ପାଇଥିବା ପରୀକ୍ଷାର୍ଥୀଙ୍କୁ ସମ୍ବର୍ଦ୍ଧନା



ଅନୁଗୋଳ,୩୦।୫(ଅମିତ ସାମଲ)

ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଅନୁଗୋଳ ସରକାରୀ ହାଇସ୍କୁଲ ଉଲ୍ଲେଖନୀୟ ସଫଳତା ପାଇଛି। ବିଦ୍ୟାଳୟର ୪୨୫ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୪୧୯ ଜଣ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟର ପାସ ହାର ଶତକଡା ୯୮.୫୮ ହୋଇଛି। ଏ-୧ ଗ୍ରେଡରେ ୨, ଏ-୨ ଗ୍ରେଡରେ ୨୪, ବି-୧ ଗ୍ରେଡରେ ୯୨, ବି-୨ ଗ୍ରେଡରେ ୧୧୨, ସି-ଗ୍ରେଡରେ ୧୦୮, ଡି- ଗ୍ରେଡ୍‌ରେ ୫୩, ଇ-ଗ୍ରେଡରେ ୨୮ ଜଣ ପାସ କରିଛନ୍ତି। ବୁଧବାର ବିଦ୍ୟାଳୟରେ ଏକ ସମ୍ବର୍ଦ୍ଧନା ସଭା ପ୍ରଧାନ ଶିକ୍ଷକ ପ୍ରିୟବ୍ରତ ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏ-୧ ଗ୍ରେଡରେ ପାସ କରିଥିବା ଛାତ୍ର ପ୍ରତୀକ କୁମାର ପ୍ରଧାନ (୫୪୬) ଓ ମନୀଷ ସାହୁ(୫୪୦)ଙ୍କୁ ପ୍ରଧାନଶିକ୍ଷକ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

## ବାଳିକା ଉଚ୍ଚ ବିଦ୍ୟାଳୟର ସଫଳତା

ଅନୁଗୋଳ,୩୦।୫(ଅମିତ ସାମଲ)

ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ବିଦ୍ୟାଳୟର ସମସ୍ତ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟର ୯୨ ଜଣ ଛାତ୍ରୀ ମାଟ୍ରିକ୍ ପରୀକ୍ଷା ନିମନ୍ତେ ଫର୍ମପୂରଣ କରିଥିଲେ। ସେଥିମଧ୍ୟରୁ ଆରତୀ କର ଏବଂ ପ୍ରବୀଣ କରଙ୍କ ଝିଅ ଆରୁଷୀ କର ୫୪୧ ନମ୍ବର ରଖି ଏ-୧ ଗ୍ରେଡରେ ସ୍କୁଲ ଟପ୍ପର ହୋଇଛନ୍ତି। ସେହିପରି ଏ-୨ ଗ୍ରେଡରେ ୦୭, ବି-୧ରେ ୧୬, ବି-୨ରେ ୩୩ ଜଣ, ସି-ରେ ୨୬ ଜଣ, ଡି-ରେ ୬ ଜଣ ଏବଂ ଇ-ରେ ୩ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ପରୀକ୍ଷାର୍ଥୀମାନଙ୍କ ଉନ୍ନତ ପ୍ରଦର୍ଶନ ପାଇଁ ଅନୁଗୋଳର ବହୁ ମାନ୍ୟଗନ୍ୟ ବ୍ୟକ୍ତି ଶୁଭେଚ୍ଛା ଜଣାଇଛନ୍ତି। ଅନୁଗୋଳ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଏବଂ ଅନ୍ୟ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ କୃତକାର୍ଯ୍ୟ ହୋଇଥିବା ସମସ୍ତ ଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।



## ୩ ବାଇକ୍ ପୋଡ଼ି ଘଟଣାରେ ଖୋଳତାଡ଼ ଆରମ୍ଭ

ଢେଙ୍କାନାଳ,୩୦।୫(ରତନ ନାୟାର)

ଢେଙ୍କାନାଳ ଜିଲା ହିନ୍ଦୋଳ ବିଜ୍ଞାପିତ ଅଞ୍ଚଳ ପରିଷଦର ୫ନଂ. ୱାର୍ଡ ଧୁନ୍ଦିନାଳୀ ଅଞ୍ଚଳରେ ବୁଧବାର ବିଳମ୍ବିତ ରାତିରେ ରାଜେଶ କୁମାର ପାଲ ନାମକ ଜଣେ ଯୁବକଙ୍କ ଘର ପରିସରରେ ଥିବା ୩ଟି ବାଇକ୍‌କୁ କେହି ନିଆଁ ଲଗାଇ ପୋଡ଼ି ଦେଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ତନାଘନା ଖୋଳତାଡ଼ ଆରମ୍ଭ କରିଛି। ଏହି ଘଟଣାକୁ ରାଜନୈତିକ ରୂପ ଦିଆଯାଉଥିବା ଆଲୋଚନାକୁ ହିନ୍ଦୋଳ ପୋଲିସ ଅସ୍ୱୀକାର କରିଛି। ସମ୍ପୃକ୍ତ ଯୁବକଙ୍କ ଘର ପରିସରରେ ବହୁତ ଗୁଡିଏ ବାଇକ ଥିବା ସନ୍ଧାନ ମିଳିଛି। ବାଇକ୍‌ଗୁଡିକ କେଉଁ କାରଣରୁ ରଖାଯାଇଛି, ଏହାକୁ ନେଇ ପୋଲିସ ଯାଞ୍ଚ କରୁଥିବା ହିନ୍ଦୋଳ ଥାନା ଅଧିକାରୀ ଚାରୁଲତା ବେହେରାଙ୍କ ସୂଚନାରୁ ଜଣାପଡିଛି।

## ଶିବ ମନ୍ଦିର ଦାନବାକ୍ସ ଚୋରି ଅଭିଯୋଗ

ଓଡ଼ାପଡ଼ା,୩୦।୫(ରଞ୍ଜିତ ନାୟକ)

ଓଡ଼ାପଡ଼ା ବ୍ଲକ ନୟାଭାଗୀରଥିପୁର ପଞ୍ଚାୟତ ହଳଦିଆବାହଳ ଗ୍ରାମରେ ଥିବା ଚନ୍ଦ୍ରଶେଖର ଜୀଉ ମନ୍ଦିରର ଦାନବାକ୍ସ ମଙ୍ଗଳବାର ଚୋରି ହୋଇଛି। କେତେଜଣ ଦୁର୍ବୃତ୍ତ ଦାନବାକ୍ସ ଚୋରି କରିଥିବା ଅଭିଯୋଗ ହୋଇଛି। ମନ୍ଦିର ପୂଜକ ତାଲା ପକାଇ ଘରକୁ ଯାଇଥିଲେ। ସନ୍ଧ୍ୟାରେ ଧୂପ ଦେବାକୁ ଆସି ଦାନବାକ୍ସ ନ ଥିବା ଦେଖି ପରିଚାଳନା କମିଟିକୁ ଅବଗତ କରିଥିଲେ। କମିଟି ସମ୍ପାଦକ ଜୟକୃଷ୍ଣ ବେହେରା ଦାନବାକ୍ସ ଚୋରି ହୋଇଥିବା ମୋଟଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ।

## ମହିଳାଙ୍କୁ ହତ୍ୟା ଧମକ

ବଇଣ୍ଡା,୩୦।୫(ପରିକ୍ଷିତ ସାହୁ)

ଠାକୁରଗଡ଼ ଥାନା ମିଣ୍ଡୋଳ ଗ୍ରାମର ଭାରତୀ ନାୟକଙ୍କୁ ସେହି ଗ୍ରାମର ବିଜୟ ନାୟକ, ମଙ୍ଗୁଳ ନାୟକ, ଲକ୍ଷ୍ମୀଧର ନାୟକ, ପୁରୁଷୋତ୍ତମ ନାୟକ, ସିନ୍ଦୂରଖୋଳ ଗ୍ରାମର ପବିତ୍ର ପ୍ରଧାନ, ସାନହୁଲା ଗ୍ରାମର ପ୍ରଭାକର ପ୍ରଧାନ ହତ୍ୟା ଧମକ ଦେଇଥିବା ଅଭିଯୋଗ ହୋଇଛି। ପୋଲିସ କହିଛି, ଭାରତୀ ତାଙ୍କ ଘରେ ବୀରେନ୍ଦ୍ର ପ୍ରଧାନ ଓ ତାଙ୍କ ସ୍ତ୍ରୀ ଦୋକାନ ଦେଇଥିବାବେଳେ ଉକ୍ତ ୬ ଜଣ ଆସି ରାଜନୈତିକ ଆକ୍ରୋଶ ରଖି ତାଙ୍କୁ ଗାଳିଗୁଲଜ କରିଥିଲେ। ଭାରତୀ ପ୍ରତିବାଦ କରିବାରୁ ତାଙ୍କୁ ୬ ଜଣ ମିଶି ମାଡ଼ ମାରିବା ସହ ହତ୍ୟା ଧମକ ଦେଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

# ସୁରକ୍ଷିତ ପରିବେଶ ସୃଷ୍ଟି ଉପରେ ଆଲୋକପାତ

ଅନୁଗୋଳ,୩୦।୫(ଅମିତ କୁମାର ସାମଲ)

ବିଦ୍ୟାଳୟ ସୁରକ୍ଷା ଓ ବିଦ୍ୟାଳୟ ସୁରକ୍ଷା ସପ୍ତାହ ପାଳନର ଠିକ୍ କାର୍ଯ୍ୟକାରିତା ସମ୍ପର୍କିତ ଏକ ଜିଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଗୋଳ ଜିଲା ଶିକ୍ଷା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲା ଶିକ୍ଷା ଅଧିକାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ଜିଲା ଶିକ୍ଷା ଅଧିକାରୀ ସୁସ୍ମିତା ସାହୁ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଏହାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିବା ସହିତ ବିଦ୍ୟାଳୟରେ କିପରି ସୁରକ୍ଷିତ ପରିବେଶ ସୃଷ୍ଟି କରାଯାଇପାରିବ ସେ ଦିଗରେ ଦିଗ୍‌ଦର୍ଶନ ଦେଇଥିଲେ। ଏ ଦିଗରେ ଶତ ପ୍ରତିଶତ ସଫଳତା ନିମନ୍ତେ ଆହୁରି ଅଧିକ ପଦକ୍ଷେପ ନେବା ପାଇଁ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ଅଭିଭାବକ, ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟାସଭ୍ୟ ଓ ଗୋଷ୍ଠୀ ସମୁଦାୟଙ୍କ ସମ୍ପୃକ୍ତି ଅତି ଜରୁରୀ ନେଇ ଆଲୋଚନା କରାଯାଇଥିଲା। ବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କ ସୁରକ୍ଷା ଦିଗରେ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ଜାରି ହୋଇଥିବା ନିର୍ଦ୍ଦେଶନାମାକୁ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଆସନ୍ତା ଜୁନ ୧୯ ରୁ ୨୫ ତାରିଖ ପର୍ଯ୍ୟନ୍ତ ସମସ୍ତ ବିଦ୍ୟାଳୟରେ ବିଦ୍ୟାଳୟ ସୁରକ୍ଷା ସପ୍ତାହ ପାଳନ କାର୍ଯ୍ୟକ୍ରମ ସଫଳ ରୂପାୟନ କରିବା ପାଇଁ ଅତିଥିମାନଙ୍କୁ ଅବଗତ କରାଯାଇଥିଲା। ଏହାଛଡା ଜିଲାର ସମସ୍ତ ବିଦ୍ୟାଳୟର ତଥ୍ୟ ଓ ଆନୁଷଙ୍ଗିକ ବିକାଶ ବିଷୟରେ ଆଲୋଚନା କରାଯାଇଥିଲା। ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମର ଠିକ ରୂପେ ସୁପରିଚାଳନା ଓ ଆନୁସଙ୍ଗିକ ତଥ୍ୟକୁ ସମୟାନୁଯାୟୀ ପଇଠ କରିବା ନେଇ ଅବଗତ କରାଯିବା ସହ ମାଗଣା ସ୍କୁଲ ପୋଷାକ ବଣ୍ଟନକୁ ତ୍ୱରାନିତ କରିବା ନେଇ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ, ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ସମସ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ, ସମସ୍ତ ହିସାବ ରକ୍ଷକ, ଡାଟା ଏଣ୍ଟ୍ରି ଅପରେଟର ଓ ଜିଲା ଶିକ୍ଷା କାର୍ଯ୍ୟାଳୟ ତଥା ସମଗ୍ର ଶିକ୍ଷା କାର୍ଯ୍ୟାଳୟର ସଂଯୋଜକ ଓ କର୍ମକର୍ତ୍ତା ଯୋଗ ଦେଇଥିଲେ।



